# କଟକ ମହାନଗର ନିଗମ

**ପବ୍ଲିକ ୱାର୍କସ୍ ଷ୍ଟାଣ୍ଡିଙ୍ଗ କମିଟି ୨୨ତମ ବୈଠକର ବିବରଣୀ**

**ତା-୨୧-୦୮-୨୦୧୫, ସମୟ ପୂର୍ବାହ୍ନ-୧୧.୦୦ ଘଟିକା**

**ସ୍ଥାନ-ବିକାଶ ଭବନ ସଭାଗୃହ**

**ଉପସ୍ଥିତ ସଭ୍ୟ / ସଭ୍ୟା**

୧. ଶ୍ରୀଯୁକ୍ତ ଚିରଞ୍ଜୀୟ ସାହୁ, - ଅଧକ୍ଷ
୨. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ - ସଭ୍ୟା
୩. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ - ସଭ୍ୟା
୪. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ - ସଭ୍ୟା
୫. ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି - ସଭ୍ୟା
୬. ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ - ସଭ୍ୟ
୭. ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା - ସଭ୍ୟ

**ଏହି ବୈଠକରେ ମାନ୍ୟବର ମେୟର ଶ୍ରୀମତୀ ଅନିତା ବେହେରା ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ବୈଠକରେ ଉପସ୍ଥିତ ଥିଲେ ।**

**ଉପସ୍ଥିତ ଅଧିକାରୀ**

୧. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ-କମିଶନର
୨. ଶ୍ରୀଯୁକ୍ତଉମାକାନ୍ତ ଗଡ଼ନାୟକ-ନଗର ଯନ୍ତ୍ରୀ
୩. ଶ୍ରୀଯୁକ୍ତ ଲଳିତ ମୋହନ ଦାସ-ନିର୍ବାହୀ ଯନ୍ତ୍ରୀ
୪. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ-ସହକାରୀ ନିର୍ବାହୀ ଯନ୍ତ୍ରୀ
୫. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୬. ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା- ସହକାରୀ ନିର୍ବାହୀ ଯନ୍ତ୍ରୀ
୭. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର-ସହକାରୀ ଯନ୍ତ୍ରୀ
୮. ଶ୍ରୀଯୁକ୍ତ ମାନସ ରଞ୍ଜନ ସାମଲ-ସହକାରୀ ଯନ୍ତ୍ରୀ
୯. ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ପ୍ରଧାନ- ସହକାରୀ ଯନ୍ତ୍ରୀ
୧୦. ଶ୍ରୀ ଶଶୀକାନ୍ତ ନାୟକ- ସହକାରୀ ଯନ୍ତ୍ରୀ
୧୧. ଶ୍ରୀ ସନ୍ତୋଷ କୁମାର ଦାସ- ସହକାରୀ ଯନ୍ତ୍ରୀ
୧୨. ଶ୍ରୀ ଦିଲ୍ଲିପ କୁମାର ସାହୁ- ସହକାରୀ ଯନ୍ତ୍ରୀ
୧୩. ଶ୍ରୀ ଜୟ ଜଗଦିଶ ପାଢୀ- ସହକାରୀ ଯନ୍ତ୍ରୀ
୧୪. ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର- କନିଷ୍ଠ ଯନ୍ତ୍ରୀ
୧୫. ଶ୍ରୀଯୁକ୍ତ ସଞ୍ଜିବ କୁମାର ପ୍ରଧାନ-କନିଷ୍ଠ ଯନ୍ତ୍ରୀ
୧୬. ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ- କନିଷ୍ଠ ଯନ୍ତ୍ରୀ
୧୭. ସୁଶ୍ରୀ ସାଗତିକା ମହାନ୍ତି-କନିଷ୍ଠ ଯନ୍ତ୍ରୀ

ଅଦ୍ୟ ତା ୨୧.୦୮.୨୦୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବିକାଶ ଭବନ ସଭାଗୃହରେ ନିଗମର ପବ୍ଲିକ ୱାର୍କସ୍ ଷ୍ଟାଣ୍ଡିଙ୍ଗ କମିଟିର ୨୨ତମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ଅଧକ୍ଷ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବୈଠକରେ ଉପସ୍ଥିତ ଥିବା ମାନ୍ୟବର ମେୟର, ସଭ୍ୟ / ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ବିଭିନ୍ନ ସମୟରେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ମାଧମରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ କାଉନସିଲ ବୈଠକରେ ଅନୁମୋଦନ କରାଯାଉଥିଲେ ମଧ, ବାସ୍ତବ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକ କାର୍ଯ୍ୟକାରୀ କରାଯିବାକୁ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ତତ୍ପରତା ପ୍ରକାଶ ପାଉନଥିବାରୁ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୨. ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମୈତ୍ରୀ ସଂସଦଙ୍କ ଦ୍ୱାରା ଆଗତ କରାଯାଇଥିବା କେଶକୁ ଅନୁଧ୍ୟାନ କରାଯାଇ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶର ଅନୁପାଳନ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା । ଏହି ସଂକ୍ରାନ୍ତରେ ମୁଖ୍ୟ ଯନ୍ତ୍ରୀ ସ୍ୱରେଜ ବୋର୍ଡ଼ଙ୍କ ସହ ଯୋଗାଯୋଗ କରାଯାଇ ପ୍ରସ୍ତାବିତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ସୁପାରିଶ କରାଗଲା ଏବଂ Joint Verification କାର୍ଯ୍ୟକୁ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯିବାକୁ ସ୍ଥିର କରାଗଲା ।

୩. ଗତ ତା ୨୨.୦୫.୨୦୧୫ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ୱାର୍ଡ଼ ୱାରୀ Rs. 20.00 lakh package ମଧ୍ୟରେ ଅନୁମୋଦନ କରାଯାଇଥିବା "S/R to drain from Bauri Sahi Banambar Jee house to Satya Rao house with slab covering at Mahidas Bazar in Ward No-13" ବଦଳରେ ସମ୍ପୃକ୍ତ କର୍ପୋରେଟରଙ୍କ ପ୍ରସ୍ତାବ ଅନୁଯାୟୀ ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ କରାଯିବା ନିମନ୍ତେ ସୁପାରିଶ କରାଗଲା ।

1. Improvement of drain at backside of Mahidas Bazar Durga Ghara in Ward No-13
2. Construction of C.C. Road infront of Murali Sethi house, Mahidas Bazar Durga Ghara in Ward No-13
3. Improvement of drain opposite side of Murali Sethi house, Mahidas Bazar Durga Ghara in Ward No-13
4. Construction of C.C. Road infront of Madan Sethi house, Mahidas Bazar Durga Ghara in Ward No-13

୪. ଗତ ତା ୨୨.୦୫.୨୦୧୫ରିଖ କମିଟି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଜାଇକା କର୍ତୃପକ୍ଷଙ୍କ ଦ୍ୱାରା ଚାଉଳିଆଗଞ୍ଜ ଶ୍ମଶାନର Approach Road ର ପୁର୍ନନିର୍ମାଣ, ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ତଥା ଡ୍ରେନ ଉପରେ ଶ୍ମଶାନ ନିମନ୍ତେ ଏକ ବ୍ରିଜ ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗୀକ ଉନ୍ନୟନ କାର୍ଯ୍ୟ ନିମନ୍ତେ ଆଗତ ପ୍ରସ୍ତାବ ଗୁଡ଼ିକ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ତ୍ୱରାନ୍ୱିତ କରାଯିବାକୁ ସ୍ଥିର କରାଗଲା ।

୫. ବୈଠକରେ ୱାର୍ଡ଼ ୱାରୀ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିସ୍ତୃତ ବିବରଣୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟ ବିବରଣୀର ଏକ ନକଲ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଗଲା । ଏହି କାର୍ଯ୍ୟ ଗୁଡ଼ିକର Progress ପ୍ରତ୍ୟେକ ମାସର କମିଟି ବୈଠକରେ ସମିକ୍ଷା କରାଯିବା ନିମନ୍ତେ , ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା କାଉନସିଲ ବିଭାଗରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୬. ନିଗମ ଅଂଚଳରେ ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ପ୍ରାପ୍ତ ହୋଇଥିବା ଅନୁଦାନର ବିନିଯୋଗ ନିମନ୍ତେ, ସର୍ଭେ ବିଭାଗର Status Report ଅନୁଯାଇ ସମ୍ପୃକ୍ତ ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ଟେଣ୍ଡର ପକ୍ରିୟା ଆରମ୍ଭ କରାଯିବା ନିମନ୍ତେ ସୁପାରିଶ କରାଗଲା । ଏହି କାର୍ଯ୍ୟ ମଧ୍ୟରେ ସମ୍ପୃକ୍ତ ଜଳାଶୟ ଗୁଡ଼ିକର Renovation, Guard wall, pitching and Side Beautification କାର୍ଯ୍ୟ ନିମନ୍ତେ ଖର୍ଚ୍ଚ ଅଟକଳ ମଧ୍ୟରେ ଅର୍ନ୍ତଭୂକ୍ତ କରାଯିବା ନିମନ୍ତେ ମଧ ସୁପାରିଶ କରାଗଲା ।

୭. ସେହିପରି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମ୍ପୃକ୍ତ ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ମଧ ସ୍ଥିର କରାଗଲା ଏବଂ ଏଥିପାଇଁ ଆବଶ୍ୟକ ଥିବା ଖର୍ଚ୍ଚକୁ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନରୁ ଭରଣା କରାଯାଇ ଯଥାଶିଘ୍ର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ସୁପାରିଶ କରାଗଲା ।

୮. ନିଗମର ବିଭିନ୍ନ ଅଂଚଳରେ ନୁତନ Pay & Use Toilet ନିର୍ମାଣ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ସହ ଆଲୋଚନା କରାଯାଇ, ଯଥାଶିଘ୍ର ଯନ୍ତ୍ରୀ ବିଭାଗ ଦ୍ୱାରା ଉପଯୁକ୍ତ ସ୍ଥାନ ନିରୁପଣ ସହ ତାଲିକା ପ୍ରସ୍ତୁତ କରାଯାଇ, ଏ ଦିଗରେ ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସ୍ଥିର କରାଗଲା । ପ୍ରଥମ ପର୍ଯ୍ୟାୟରେ ନିମ୍ନଲିଖିତ ସ୍ଥାନରେ ଏହି Pay & Use Toilet ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ କରାଗଲା ।

1. Badambadi Angul Bus Stand
2. CDA Sector-6, near Bus Terminal
3. Sati Choura
4. NH side (Places to be identified)
5. Chahata
6. Tulasipur
7. Pattapole
8. Khannagar near Kali Mandir

୯. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା Portable Fibre Single Seater Toilet ଗୁଡ଼ିକ ସଂଗ୍ରହଣ ପ୍ରସ୍ତାବକୁ ଅନୁଧ୍ୟାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୦. ତିନିକୋଣିଆ ବଗିଚା ପୂଜା କମିଟି ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଏହି ଅଂଚଳରେ Construction of sewerage & drainage system ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ତଥା site verification କାର୍ଯ୍ୟ କରାଯିବାକୁ ସୁପାରିଶ କରାଗଲା ।

୧୧. ନିଗମର ବିଭିନ୍ନ ଅଂଚଳରେ Site Dispute ନିମନ୍ତେ ନୂତନ ଅଙ୍ଗନୱାଡ଼ୀ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦୃଷ୍ଟିକୁ ଆସିଥିବାରୁ, ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ CDPO, ନଗରଯନ୍ତ୍ରୀ ତଥା ନିଗମର ସର୍ଭେ ବିଭାଗକୁ ସାମିଲ କରାଯାଇ Joint Inspection କରାଯିବାକୁ ସୁପାରିଶ କରାଗଲା ।

୧୨. ପ୍ରତ୍ୟେକ ୱାର୍ଡ଼ ୱାରୀ ୩ ଲକ୍ଷ ଟଙ୍କା ମଧ୍ୟରେ ଆବଶ୍ୟକ ଥିବା ଜରୁରୀ କାଳୀନ କାର୍ଯ୍ୟ ଆସନ୍ତା ପାର୍ବଣ ଉପଲକ୍ଷେ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା । ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ କ୍ରମେ ୱାର୍ଡ଼ୱାରୀ ପ୍ରସ୍ତାବିତ କାର୍ଯ୍ୟ ଗୁଡ଼ିକର ତାଲିକା କମିଟିର ଅନୁମୋଦନ ନିମନ୍ତେ ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା ।

୧୩. ବହୁ ପୂର୍ବରୁ ଅନୁମୋଦନ କରାଯାଇ ଟେଣ୍ଡର ମାଧ୍ୟମରେ ୱାର୍ଡ଼ ନଂ-୨୪ ଓ ୨୯ ମଧ୍ୟରେ ରହିଥିବା ଆକବରୀ କର୍ଲଭଟର ପୁର୍ନରୁଦ୍ଧାର କାର୍ଯ୍ୟର ବର୍ତ୍ତମାନର ଷ୍ଟାଟସ୍ ରିପୋର୍ଟକୁ ଅନୁଧାନ କରାଯାଇ ଯନ୍ତ୍ରୀ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିଶ କରାଗଲା ।

୧୪. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧାନ କରାଯାଇ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

1. Recommended for approval to construction of Boundary wall around the smasan located at Gopalpur, over plot No-1757, Khata No-1052, Mouza-Gopalpur to prevent the encroachment of public property in Ward No-57 at an estimated cost of Rs. 15,60,000.00 (File No-Engg-III-974/2015). The City Engineer & Executive Engineer-II will place the details of existing funds available under Boundary Wall Head before execution of the work.
2. Recommended for approval to construction of Boundary wall around the smasan located at Gopalpur, over plot No-35, Khata No-226, Mouza-Srikoruan to prevent the encroachment of public property in Ward No-57 at an estimated cost of Rs. 11,55,400.00 (File No-Engg-III-973/2015) The City Engineer & Executive Engineer-II will place the details of existing funds available under Boundary Wall Head before execution of the work.
3. Recommended for approval for repair of Sidheswar Sahi Dispensary in Ward No-10 at an estimated cost of Rs. 47,654.00 (File No-Engg-III-1067/2015)
4. Recommended for approval for special repair of existing public toilet at Gorakabar in Ward No-08 at an estimated cost of Rs. 49,900.00 (File No-Engg-III-1032/2015)
5. Recommended for approval for reconstruction of drain in front of Gadagadeswar Temple in Ward No-16 at an estimated cost of Rs. 49,200.00 (File No-Engg-III-1007/2015)

୧୫. ସଦସ୍ୟା ଶ୍ରୀଯୁକ୍ତା ସୁଲୋଚନା ସେଠୀ ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ପୂର୍ବରୁ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଅନୁମୋଦନ କରାଯାଇଥିବା ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ ସମ୍ପୃକ୍ତ ଠିକାଦାରଙ୍କ ମାଧ୍ୟମରେ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ସୁପାରିଶ କରାଗଲା ।

1. Construction of RCC drain with slab from Rabi Mohanty res to Railway Retaining Wall, Station Bazar Mahadev Mandir to Dr. Hemanta Das res at Matha Sahi in Ward No-35 (New Ward-39) (File No-Engg-III-1701/2013)
2. Construction of RCC drian with slab from Frosty Ice Cream to Vaishnab Devi and Construction at Bardhwan Compound in Ward No-35 (New Ward -39) (File No-III-Engg-1699/2013)

୧୬. ସଦସ୍ୟା ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ଜରୁରୀ କାଳୀନ ଭିତିରେ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥଶ କରାଯାଇ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ କରାଯିବାକୁ ସୁପାରିଶ କରାଗଲା ।

1. Construction of CC road and RCC drain with slab at Rajabagicha Labour Colony connecting to Jhanjirimangala road in Ward No-29

୧୭. ସଦସ୍ୟା ସୁଶ୍ରୀ ଇତିଶ୍ରୀ ବେହେରା ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ୱାର୍ଡ଼ ନଂ-୨ର ନିମ୍ନଲିଖିତ ରାସ୍ତାର ରକ୍ଷଣାବେକ୍ଷଣ ତଥା ଆବଶ୍ୟକୀୟ ମରାମତି କାର୍ଯ୍ୟ ନିମନ୍ତେ R & B ବିଭାଗକୁ ହସ୍ତାନ୍ତର କରାଯିବା ନିମନ୍ତେ ସୁପାରିଶ କରାଗଲା ।

"Road & Bridge from Baula Gachha Chhaka to Petanal, CDA"

RANJAN COUNCIL-PUBLIC WORKS S.C.

୧୮.	ବିଭିନ୍ନ କର୍ପୋରେଟର ମାନଙ୍କ ଠାରୁ ପ୍ରାପ୍ତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧାନ କରାଯାଇ, ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରାଯିବା ସହ, ଏ ଦିଗରେ ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିଶ କରାଗଲା ।

1. Construction of RCC drain with slab from Er Hati Babu res to Dr. Arun Dash res at Aurobinda Nagar in Ward No-52
2. Construction of RCC drain with slab from Nirakar Ashram to ER Khatua Babu res of Kazidiha in Ward No-52
3. Construction of RCC drain with cover slab from Dahaliabag main road to Nilamani Sahoo res of Dahaliabag in Ward No-58
4. Construciton of CC road from Sadar P.S. main road to K.C. Acharya road of Dahaliabag in Ward No-58
5. Reconstruction of CC road from Dhira Swain res to Gouranga Swain res at Tinigharia in Ward No-51
6. Reconstruction of CC road from Kunja Swain res to Jitu Swain res at Tinigharia in Ward No-51
7. Reconstruction of CC road from Gagu Biswal res to Biranchi Swain res at Tinigharia in Ward No-51
8. Reconstruction of CC road from Laxmidhar Sahoo res to Bhima Swain at Tinigharia in Ward No-51
9. Reconstruction of CC road from Madan Swain res to Babi Swain at Tinigharia in Ward No-51
10. Construction of CC road from Makara Baral res to Tukuna Baral res at Tinigharia in Ward No-51
11. Construction of Boundary Wall and gate for Chauliaganj Community Centre in Ward No-42

ସର୍ବଶେଷରେ ଉପସ୍ଥିତ ଥିବା ମାନ୍ୟବର ମେୟର ତଥା ସଭ୍ୟ/ସଭ୍ୟା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରାଯାଇଥିଲା ।

(ଚିରଞ୍ଜୟ ସାହୁ)
ଅଧକ୍ଷ
ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 1452 ତା 24/9/15

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1453 ତା 24/9/15

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1454 ତା 24/9/15

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1455 ତା 24/9/15

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1456 ତା 24/9/15

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ